ମାତୃହତ୍ୟା

ଓ

ପ୍ରତିଶୋଧ

Digitized by srujanika@gmail.com

ମାତୃହତ୍ୟା
ଓ
ପ୍ରତିଶୋଧ

Digitized by srujanika@gmail.com

ଲେଖକ

ଶ୍ରୀ ଗୋବର୍ଦ୍ଧନ ରାଉତ

ସାଃ ଓ ପୋଃ ଅଃ—ଶ୍ରୀବନ୍ତପୁର

କଟକ

ପ୍ରକାଶକ

ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର

ମୁଃ —ଉତ୍ତରଶାସନ

ପୋଃଅଃ —ଧର୍ମଶାଳା

କଟକ

ମୁଦ୍ରଣ

ପଲ୍ଲୀସାଥି ପ୍ରେସ

ଜାରକା, ଧର୍ମଶାଳା, କଟକ ।

ମୂଲ୍ୟ—ଏକଟଙ୍କା ମାତ୍ର

Digitized by srujanika@gmail.com

ପ୍ରକାଶକଙ୍କ [illegible]

ହେ ମାତୃହତ୍ୟା ଓ ପ୍ରତିଶୋଧ ନାମଧେୟ ଖଣ୍ଡ କାବ୍ୟଟିର ସର୍ବାଙ୍ଗକୁ ଲେଖକ ସୁମଞ୍ଜୁଳ ଲଳିତ ଛନ୍ଦ ଦ୍ଵାରା ମଣ୍ଡିତ କରିଥିବାରୁ ଅଖଣ୍ଡିତ କଳିଙ୍ଗର କାବ୍ୟ କଳାକୁଞ୍ଜ ସ୍ଥିତ ସାହିତ୍ୟପ୍ରେମୀ ପୁଞ୍ଜମାନଙ୍କର ଚିତ୍ତା-କର୍ଷଣ ହେବା ଯଥୋଚିତ ସମ୍ଭବ ।

ଗ୍ରନ୍ଥର ପ୍ରଥମେ ଆଶ୍ରମର ପ୍ରକୃତି ଚିତ୍ରଣ ଓ ମାତୃହତ୍ୟା । ଦ୍ଵିତୀୟରେ, ମଗଧେଶ୍ଵର କାର୍ତ୍ତବୀର୍ଯ୍ୟ ପାରିଧିକୁ ଗମନ କରିବା, ଅରଣ୍ୟଭ୍ରମଣ ଓ ଯମଦଗ୍ନିଙ୍କ ଆଶ୍ରମରେ ଅତିଥ୍ୟଗ୍ରହଣେ ତୃପ୍ତି ଲାଭ । ତୃତୀୟରେ କାମଧେନୁ ଲୋଭରେ ସ୍ଵାର୍ଥାନ୍ଧ କାର୍ତ୍ତବୀର୍ଯ୍ୟ ବ୍ରହ୍ମର୍ଷିଙ୍କୁ ହତ୍ୟା କରିବା ।
ଚତୁର୍ଥେ ପିତୃହନ୍ତାର ପ୍ରତିହିଂସା ସାଧନେ ପରଶୁରାମଙ୍କର ମଗଧାଭିମୁଖେ ଯାତ୍ରା, ଏବଂ କାର୍ତ୍ତବୀର୍ଯ୍ୟଙ୍କ ଠାରେ ପରାଜିତ
ପଞ୍ଚମେ ପରଶୁରାମଙ୍କର ଶିବପୂଜା । ଶିବସ୍ତବର ପ୍ରାନ୍ତ ବର୍ଣ୍ଣିରେ ଧନୁ, ଶର ମାଗିବା ।
ଷଷ୍ଠରେ, ପରଶୁରାମଙ୍କ ସ୍ତବପାଠରେ କୈଳାସପତି ଶିବ ଆବିର୍ଭୂତ, ପରଶୁରାମଙ୍କ ବରପ୍ରାପ୍ତ ଏବଂ ମଗଧକୁ ପ୍ରତ୍ୟାଗମନ
ସପ୍ତମେ, ପରଶୁରାମ ପିତୃ ବୈରିର ପ୍ରତିଶୋଧ ସାଧନ
(କାର୍ତ୍ତବୀର୍ଯ୍ୟବଧ,)

Digitized by srujanika@gmail.com

ହମାନ୍ୱୟ, ଆଶ୍ରମ ପ୍ରକୃତି ବର୍ଣ୍ଣନା ଠାରୁ କାଉଁବର୍ଷ୍ୟ ବଧ ପର୍ଯ୍ୟନ୍ତ, ଛନ୍ଦନ୍ତି, ଶୃଙ୍ଖଳା, ରୂପକ ଏବଂ ଯମକ ଇତ୍ୟାଦିରେ ସମାପ୍ତ ହୋଇଛି । ଏହି ପୂର୍ଣ୍ଣାଙ୍ଗ କାବ୍ୟଟି ଉତ୍କଳ ସାହିତ୍ୟ ସମାଜଭୁକ୍ତ ପାଠକ, ପାଠିକାମାନଙ୍କ ହୃଦୟରେ ଆଦରଣୀୟ ଭାବେ ସ୍ଥାନ ପାଇ ପାରିବା ଉପଯୁକ୍ତ ମନେକରି ଜନ ସମକ୍ଷରେ ପ୍ରକାଶ କଲି । ଇତି । ତା ୧୫।୧।୧୯୭୦

ପ୍ରକାଶକ

ଗ୍ରନ୍ଥକାରଙ୍କର ପ୍ରଥମ ଲେଖା "ତ୍ରିପୁର ମୋହିନୀ" କାବ୍ୟ ଖଣ୍ଡିକ ପାଠକରି ଶ୍ରୀ ହୃଦାନନ୍ଦ ମିଶ୍ରଙ୍କ ପ୍ରେରିତ ପତ୍ର ।

ମୁଃ ଲକ୍ଷ୍ମୀଧରପୁର

ଶ୍ରୀବିଜ୍ଞବରେଷୁ
ପୋଃଅ. କେ. ଦଣ୍ଡପୁର

ପଥ ବହୁତ ସମ୍ମାନାନ୍ତର ପୂର୍ବକ .— ତା୫।୧୧।୬୯

ଶ୍ରଦ୍ଧେୟ ଗୋବର୍ଦ୍ଧନ ବାବୁ ,

ମୁଁ ଆପଣଙ୍କ ନିକଟରେ ପୂର୍ଣ୍ଣ ଅପରିଚିତ କିନ୍ତୁ ଆପଣ ମୋ ପାଖରେ କାହିଁକି, କାହାରି ପାଖରେ, ତ୍ରିପୁର ମୋହିନୀର ଛପା ପରେ ଅଛପା ନୁହଁନ୍ତି । ତ୍ରିପୁର ମୋହିନୀ ଆଜି ଆପଣଙ୍କୁ ତ୍ରିପୁସ୍ତ କରି ପାରିଛି । ଗତ ଦୁର୍ଗା ପୂଜା ମହା ସପ୍ତମୀ ପୁଣ୍ୟ ତିଥିରେ ତ୍ରିପୁର ମୋହିନୀର ପ୍ରକାଶକ ତଥା ମୋର ଅନ୍ତରଙ୍ଗ ସୁହୃଦ ବଗଳ ବାବୁ ଆପଣଙ୍କ ସ୍ୱରଚିତ ତ୍ରିପୁର ମୋହିନୀ କାବ୍ୟ ଖଣ୍ଡିଏ ମୋତେ ସକରୁଣା ଉପହାର ଦେଇ ଥିଲେ । ତାହା ଆମୂଳଚୂଳ ଥରେ ନୁହେଁ ବାରମ୍ବାର ପାଠ କରି ଅସତ୍ୟ ମୋର ସହକର୍ମୀ ତଥା ବନ୍ଧୁ ଗହଣରେ ପଢି ଶୁଣାଇ

Digitized by srujanika@gmail.com

ଆଶାତୀତ ଅନନ୍ଦ ସୌଭାଗ୍ୟ ସାନ୍ନିଧ୍ୟ ଲାଭ କରି ପାରିଛୁ । ସାଧନ ସମରର ଲୌକିକ ମହର୍ଷି ଚୈତନ୍ୟଦେବଙ୍କ ଭାଷାରେ ‘ତୁମି ତୁମାର ପୂଜାୟେ ପରିତୃପ୍ତି ହଓ” ନ୍ୟାୟରେ ଆପଣଙ୍କ ଭାଷାରେ ଏ ଉତ୍କଳ ଖଣ୍ଡରେ ଏ ଅବଧି ଯେତେ କବି ରବି ଜନ୍ମ ଗ୍ରହଣ କରିଛନ୍ତି , ତାହାଙ୍କ ମଧ୍ୟରେ ଆପଣ ଗୋଟିଏ ଜ୍ୟୋତିଷ୍ମାନ୍ । ଉତ୍କଳ ତମିରରବି, ଆପଣଙ୍କ ପରି ମହାନ ବ୍ୟକ୍ତିର ଅର୍ଚ୍ଚନା କରିବା ଏ ଅକିଞ୍ଚନର ଧୃଷ୍ଟତା ହେଲେହେଁ କ୍ଷୀଣ ଖଦ୍ୟୋତାଲୋକରେ ସୂର୍ଯ୍ୟର ବନ୍ଦାଣ ହୁଏନି ?

ସ୍ନେହାସ୍ପଦ ଆଜ୍ଞାଧୀନ

ହୃଦାନନ୍ଦ

ଗ୍ରନ୍ଥ ବିଶେଷତ୍ୱ

୧-'ମାତୃହତ୍ୟା' ଆଶ୍ରମ ପରିଦର୍ଶନରୁ ଆଶ୍ରମ ନିୟମ ଦୃଶ୍ୟ ଓ ମହର୍ଷି ଯମଦଗ୍ନିଙ୍କ କଠୋର ପ୍ରତିଜ୍ଞା । ପିତ୍ରା-ଦେଶ ଅଲଙ୍ଘ୍ୟ ପରଶୁରାମଙ୍କ **'ମାତୃହତ୍ୟା'** ଏବଂ ମୁନିଙ୍କ ତପସ୍ୟା ବଳରେ ରେଣୁକା ସହ ପୁତ୍ରମାନଙ୍କର ପୁନର୍ଜୀବନ ପ୍ରାପ୍ତ ହେବା ସଙ୍ଗେ ଆଶ୍ରମବାସୀମାନଙ୍କ ଆନନ୍ଦ ଉଲ୍ଲାସ ।

୨-'ପ୍ରତିଶୋଧ' ମଗଧ ରାଜା କାର୍ତ୍ତବୀର୍ଯ୍ୟ ଯମଦଗ୍ନିଙ୍କଠାରେ ପରାଜିତ ହୋଇ ଛନ୍ଦରେ ବ୍ରହ୍ମର୍ଷିଙ୍କୁ ହତ୍ୟାକରିବା । ପିତୃ ଶତ୍ରୁ 'ପ୍ରତିଶୋଧ' ଆଶାରେ ପରଶୁରାମ କାର୍ତ୍ତବୀର୍ଯ୍ୟ ସଙ୍ଗେ ଯୁଦ୍ଧକରି, ଯୁଦ୍ଧରେ ହାରିଯାଇଁ କୈଳାସପତି ଆଶୁତୋଷଙ୍କୁ ସେବାରେ ମନାଇ ଶିବଦତ୍ତ ଅଜଗବ ଧନୁ, ପାଶୁପତ ଶର ବଳରେ କାର୍ତ୍ତବୀର୍ଯ୍ୟଙ୍କୁ ବିନାଶ କରିବା ପର୍ଯ୍ୟନ୍ତ ଗ୍ରନ୍ଥରେ ପ୍ରକାଶ ପାଇଛି ।

୩-ଅସାଧ୍ୟସାଧନା

ଚେଷ୍ଟାର ଅସାଧ୍ୟ ଥାଇ କିଛିନାହିଁ ବିଶ୍ୱେ,
ଚେଷ୍ଟାବଳେ ଚନ୍ଦ୍ରଲୋକେ ଜାନ ବୁଲୁଥାଏ ।
ଜାତି ଉଚ୍ଚ ନୀଚ ଧ୍ୱଜା ମନରୁ ଛିଣ୍ଡାଇ
କର୍ମ କ୍ଷେତ୍ରେ ଲକ୍ଷ୍ୟଦେଇ ଯଶ ରଖ ଭାଇ ।
ଦେଖ ବିଶ୍ୱାମିତ୍ର ଥିଲେ କ୍ଷତ୍ରିୟ ରାଜନ
କର୍ମକରି ବୋଲାଇଲେ ବ୍ରହ୍ମର୍ଷି ପ୍ରଧାନ ।
ଉଦାସୀ ବ୍ରାହ୍ମଣ ପରଶୁରାମ ତପସ୍ୱୀ
ଏକବିଂଶ ବାର କଲେ କ୍ଷତ୍ରିୟ ସଂହାର ।

Digitized by srujanika@gmail.com

୩—ଅହିଂସା ବ୍ରତ

ଏକ ଅହିଂସା ବାଣରେ ସମଗ୍ର ଭାରତ
ହିଂସା ବିନାଶି 'ବାପୁଜୀ' ଦେଲେ ଶିକ୍ଷାମନ୍ତ୍ର ।
ଉଚ୍ଚ ପଦ ନ ମନାସି ଦେଶ ସେବାକର
ପ୍ରାଣାନ୍ତେ ଅମର ପଦ ଲଭିବ ନିକର ।
କିନ୍ତୁ ନଥିବେ ସେ କେବେ ହୋଇ ସାତଦିନ
ପୂତ ଭାରତେ ଢ଼ାଳିବ ଅବେବନ ଜଳ ।

—ଅନୁରୋଧ—

ଏଥିପୂର୍ବରୁ ପ୍ରକାଶ ପାଇଥିବା କାବ୍ୟ ହିପୁର ମୋହିନୀ ଓ ସତୀସମୁଜ୍ଜ୍ୱଳରେ ସଂକ୍ଷିପ୍ତ ଟୀକା ଦିଆଯାଇଅଛି । ଶବ୍ଦାର୍ଥ-ମାନ ଗ୍ରନ୍ଥରେ ଉଲ୍ଲେଖ ରଖିବା ଦ୍ୱାରା ଗ୍ରନ୍ଥର କଳେବର ବୃଦ୍ଧି ହେବା ଜାଣି ଅର୍ଥାଭାବ ଯୋଗୁଁ ଗ୍ରନ୍ଥମାଳା ପ୍ରକାଶ ପାଇ ପାରୁ ନାହିଁ । ତେଣୁ ଖଣ୍ଡାଙ୍ଗଧାର କାବ୍ୟଟିକୁ ସ୍ୱଳ୍ପ ବ୍ୟୟରେ ପ୍ରକାଶ କରି ଉତ୍କଳ ସାହିତ୍ୟ କଳାପ୍ରେମୀ ପାଠକ ପାଠିକା ଓ ଉଚ୍ଚ ପଦପ୍ରାପ୍ତସ୍ଥିତ ବହୁଦର୍ଶୀ ବଦାନ୍ୟ ମଣ୍ଡଳୀଙ୍କ କରକମଳରେ ଅର୍ପଣ କଲି । କିନ୍ତୁ ବହୁଦର୍ଶୀ ରଙ୍ଗମଞ୍ଚ ଚିତ୍ତାକର୍ଷଣ ଜନତା ମୁଗ୍ଧକର ପ୍ରବୀଣ ପାଲା ଗାୟକମାନଙ୍କ ଦ୍ୱାରା ମୋର ଶ୍ରମସାର୍ଥ ସମ୍ପୂର୍ଣ୍ଣ ଆଶାକରେ । ଇତି ।

ତା ୭ । ୭ । ୧୯୭୦

ନିବେଦକ
ଗ୍ରନ୍ଥକାର

Digitized by srujanika@gmail.com

ମାତୃହତ୍ୟା

ଓ

ପ୍ରତିଶୋଧ

୧—ବଙ୍ଗଳାଶ୍ରୀ

ଜୟ ପୂତନାମା   ରଣ ବଧୂନ୍ତୁଦ
ଯୁଗ୍ମ ଅର୍ଜ୍ଜୁନ ଛେଦନ
ଯଶୋଦାଳୟରେ   ବିଖ୍ୟାତ ମହୀରେ
ମୁନି ମାନସ ରଞ୍ଜନ ।୧।

ଜୟା ଆଳୀ ସାର   ଛଣରେ ଆଦର
କର ସିଦ୍ଧି ଉତ୍ଥାପନ
ଜନକ ଅଉର   ଅବମାରୁ ହର
ରଖିଲ ଦୁର୍ବଳଜନ ।୨।

ଜନ ସମାଜରେ   ଗଣା ହୋଇନାହିଁ
ଜଣେ ବୋଲି ସଂଖ୍ୟାବାନ
ଜନମ ବସ୍ତ୍ରୟସ—   ତୋଷରେ ପ୍ରବର
ଭୃଗୁ, ଭୃଗୁପଣ୍ଡଧାନ ।୩।

କର ସୁ କରୁଣା   ଲେଖିବ ଫୁରୁଣା
ମନେ ପିତୃ ଭକ୍ତି ଗାଥା
ରୌଦ୍ର ବିକର୍ତ୍ତନ   ମୂର୍ତ୍ତି ଭୃଗୁପଣ୍ଡ
ବଳସ୍ତ୍ରେ କୁମୁଦ ଯଥା ।୪।

Digitized by srujanika@gmail.com

ମାତୃହତ୍ୟା ଓ ପ୍ରତିଶୋଧ

ଯେନ ସୁ ବଦୂଷ — କଳାପ ଦ୍ୱରଷ
ଶତ୍ରେ ପ୍ରାଚୀନ ଭାରତ୍ତ
କାମ୍ୟକ କାନନେ — କୁଟୀର ନିର୍ମାଣି
ଯମଦଗ୍ନି ବ୍ରହ୍ମପତ୍ତି । ୫ ।

ସତୀ ଶିରୋମଣି — ରେଣୁକା ସୁନ୍ଦରୀ
ପତିପରାୟଣା ଦେବୀ
ଅମାୟୀକ ମନେ — ଭକତି ପ୍ରସୂନେ
ସେବେ ସ୍ୱାମି ଗୁରୁ ଭାବ । ୬ ।

ତପୋଧନଙ୍କର — ତପଧନ ଗୃହ—
ନନ୍ଦନ ସଦ୍‌ଗୁଣବନ୍ତ
ଦ୍ୱିଜରାମ ବଳ— — ରାମ, କଲ୍‌କୀରାମ
ପର୍ଶୁରାମ ନାମ ଖ୍ୟାତ । ୭ ।

ତପସ୍ୟା ପ୍ରଭବେ — ପ୍ରଭାବତ ଅତି
ବତ୍ତୁଦର ଚତ୍ତରେର
ଧନିକ ବଣିକ — ନିର୍ମମ ଘାତକ
ଛେଜ୍ୟା ବରତ ତାଙ୍କର । ୮ ।

ଆଶ୍ରମେ ରହିଛୁ — କାମଧେନୁ କଛୁ
ଜଣା ନଥାଏ ଅଭାବ
ବ୍ରହ୍ମର୍ଷି ପ୍ରତିଭା — ବଳେ ପୂର୍ବ ଦେବା
ମାନଙ୍କୁ ନମିଲେ ଠାବ । ୯ ।

ଆଶ୍ରମ ଉଦ୍ୟାନ — ଶୋଭରେ ନନ୍ଦନ
ନନ୍ଦମାପୂ ହେବା ଜାଣି
ଉପେ୍ନ ନ ଛୁଡନ୍ତ — ମର୍ତ୍ତ୍ୟ ମଣ୍ଡଳକୁ
ଦେବେ ଧରଥାନ୍ତି ଠାଣି । ୧୦ ।

Digitized by srujanika@gmail.com

ସୁମନ ସମ୍ପଦ   ରଖିଛୁ ସମ୍ପାଦ
ଗରବେ, କେତେ ମାତର
କାମ୍ୟକ ମହିମା   ଶୁଣିତା ବଢ଼ିମା
ଯୋଡ଼ିବ କର ପତର । ୧୧ ।
ଚମ୍ପା ନାଗେଶ୍ୱର   କଂଶୁକ ବକୁଳ
ମୁଚକୁନ୍ଦ କରବୀର
କେତକୀ କେତକ   ନଖି କୁରୁବକ
କର୍ଣ୍ଣି ପାଳଧୂଆ ଫୁଲ । ୧୨ ।
ଜାଫ୍ରାନକେଶର   ରକତ ଚନ୍ଦନ
ରଙ୍ଗ ଶାଳ୍ମଳୀ କୋବଇ
କୃଷ୍ଣଚୂଡ଼ା ଦେନା   ଜାଈ ଜୁଈଅନା
ଗୋଲାପ ଧାତୁକ ଫୁଲ । ୧୩ ।
ମାଧବୀ ମାଳତୀ   ଚମ୍ପଟ ସେବତୀ
ରକ୍ତ ମନ୍ଦାର ନିଆଳି
ଅଶୋକ ରଙ୍ଗଣୀ   ସବିତା ଆନନ୍ଦ
ଜୟା ସେଫାଳୀ ପାଟଳୀ । ୧୪ ।
ଅପରାଜିତାରେ   ହରଗଉରୀକୁ
ହସୁଛି ସଦା ବନ୍ଧାଇ
ତୁଳସୀର ଦାସୀ   ଆଶାରେ ଶିରଷ
ଡାକୁଛି ନଣ୍ଡାବଗୁଲି । ୧୫ ।
ମଞ୍ଜିଷ୍ଠା ଅଗସ୍ତି   ଅର୍କଲା ଜୟନ୍ତୀ
ନାଗ ବଲ୍ଲୀରେ ଆବୃତ
ଝଡ଼ପ ଲଙ୍ଗଳୀ   ବରଡ଼ା ଖର୍ଜ୍ଜୁରୀ
ପୂଗେ ପିପ୍ପଳୀ ବେଷ୍ଟିତ । ୧୬ ।

Digitized by srujanika@gmail.com

ତାଳମ୍ବ, ତମାଳ ପନସ ରସାଳ
ଦ୍ରାକ୍ଷା ବେଲ ବରକୋଳି ।
ହରିତକୀ ଜାମ୍ବୁ ଟଭ ଆଉ ଲେମ୍ବୁ
ଦାପ ନଡ଼ିଆ ନଇକୋଳି । ୧୭ ।
କେନ୍ଦୁ-କରମଙ୍ଗା କପିତ୍ଥ କମଳା
ନାରଙ୍ଗ କଦଳୀ କେଉ
ମହୁଲ ପୁନ୍ନାଗ କୁମ୍ଭୀ ଦେବଦାରୁ
କାର୍ପାସ ଗୁଗୁଲ ଝାଉଁ । ୧୮ ।
ପ୍ରଶାନ୍ତ ସତତ ନର୍ମଦାର ଅମୃତ
ଦ୍ୱିଜ ସରସୀରେ ପଶି
ପ୍ରବୋଧ ତେଜି ଆଶ୍ରମ ପାଦପ
ପାଦମୂଳେ ଶୋଇ ଖୁସି । ୧୯ ।
ଟିକ ସ୍ୱଚ୍ଛନ୍ଦର ନଦୀରେ ଆଦର
ଭରେ ବନଗ୍ରାମ ପୁତ
ଟିକିଲ ନବୀନ ଆସନ ଅଷ୍ଟାଙ୍ଗ
ଲଘୁ ପ୍ରାଣାୟାମେ ରତ । ୨୦ ।
କଣିଅର ବନେ ଫୁଲ ତୋଳି, ତୋଳି
ଶବଦେ କୁସୁମ ଛୁଇଁ
ଯାଉଥାଏ ଧାଇଁ ଗିରିତମ ଖଗ
ଦଏ ଚିରସମଜ୍ଞାଇ । ୨୧ ।
ଶାକ କନ୍ଦମୂଳ ଆମ୍ବ ଆଳ ବାଳ
କାଉଁଛ,ମୂଢ଼ାଣ ଜଳେ
ପ୍ଲାବିତ ସତତ ତ୍ରମେ ବୃଦ୍ଧି ପୂର୍ବ
ଫଳ ଦାନେ ଛନ୍ଦୁଥିଲେ ।୨୨ ।

Digitized by srujanika@gmail.com

ନ ଜାଣନ୍ତି ଖଣ୍ଡ ବରଷା ବାକର,
କାକରବ ନୋହୁଁ ଉଠି
କର୍ତ୍ତବ୍ୟ ପଥରେ ଲାଗି ପଡ଼ୁଥାନ୍ତି
ନକରି କର୍ତ୍ତବ୍ୟ ତ୍ରୁଟି ।୨୩ ।
ଆଚାର୍ଯ୍ୟ ଧେନୁ ସେବା ମାର୍ଗ ସମାର୍ଜ୍ଜବା
ସାରି ପ୍ରାତ ସ୍ନାନ ଜଳୁଁ
ପଞ୍ଚ ମହାଯଜ୍ଞ କର୍ମଶେଷେ ଆମ୍ଭ
ସେବାରେ ଲାଗଇ ଚଳୁ ।୨୪ ।
ସଦା ବହୁ ଥାଏ ମଳୟ ପବନ
ଗାଉଥାଏ ପିକ ଗୀତ
ହୋମ ଧୂମ ଅନ୍ଧେ ଦେଖି ତମାଳକୁ
କେକୀ କରୁଥାଏ ନୃତ୍ୟ । ୨୫ ।
ଖେଳୁଥାଏ ଅହି ନକୁଳ କୋଳରେ
କୃଷ୍ଣ ନାଗେ ହଂସ ଆଗେ
ବକ ସଞ୍ଚାଣିଆ ଏକା ମତେ ଶୋଭ
ଗଣ୍ଡୁଆ ଖେଳାଏ ଗ୍ଳଗେ ।୨୬ ।
ବାନରେ ଦୋଳାରେ ଝୁଲନ୍ତି ଉଚ୍ଛୁଫୁଲେ
ରାମ ଶୁଆ ଶାରୀ ମୁଖେ—
ପଢନ୍ତି, ସନ୍ଧ୍ୟେ— ଯାଉସେ ଖେଳନ୍ତି,
ଅରବିନ୍ଦେ ଚଞ୍ଚୁକେ । ୨୭ ।
ବାଳ ବୃଦ୍ଧ ଯତି ତପ ଆଚରନ୍ତି
ନବଶୁଦ୍ଧି ସାଧନାରେ ।
ଧନେ ବୃଦ୍ଧ ଭଇ ତପସ୍ଥାନେ ଯାଇ
ଥିଲେ, ମୁନି ସରସୀରେ ।୨୮ ।

Digitized by srujanika@gmail.com

ତର୍ପଣ ସମୟେ ରେଣୁକା ସୁନ୍ଦରୀ
ପତି ଦକ୍ଷିଣରେ ରହି
ମାତୃ କୂଳଶକ୍ତି ସ୍ୱରୂପା ପବିତ୍ରା
ଜଳ ଦିଅନ୍ତି ବଢ଼ାଇ । ୨୯ ।
ବିହାସ୍ପେ ଶଭ ସ୍ୱୀୟ ବ୍ୟୋମଯାନେ
ଯାଉଥିଲେ, ବ୍ୟୋମପଥେ
ଗନ୍ଧର୍ବ ଶେଖର ଚିତ୍ରସେନ ବୀର
ସେ ଛାୟା ଜଳେ ପଡ଼ନ୍ତେ ।୩୦ ।
ରୁହିଁ ଊର୍ଦ୍ଧ୍ୱେ ନେତ୍ର ସୁନ୍ଦର ପବିତ୍ର
ମନେ ବାଞ୍ଛା ଦେଉଁ କରେ
ଗଡ଼ ଗଲା ମନ୍ତ୍ର ମାତ୍ରା ଅନୁମାତ୍ର
ନାହିଁ କରକ ପାଣିରେ । ୩୧ ।
ଦେଖି ପତ୍ନୀ ଚିତ୍ତ କୋପେ ବ୍ରହ୍ମପୁତ୍ର
ବୋଇଲେ ବୀର ମଣ୍ଡଳା —
ପରେ ତୋ ପ୍ରକୃତି କଲୁ ଗତିହୀନା
ପିତୃଅର୍ଘ୍ୟ ଅବହେଳା ।୩୨ ।
ତୁ ମହା ପାପିନୀ କୂଳ କଳଙ୍କିନୀ
ନ ରୁହିଁ ତୋର ବଦନ
ଶାଣିତ କୃପାଣେ ହାଣିବି ତୋ ଶିର
ଦିବାର ସତ୍ୟ ବଚନ । ୩୩ ।
କରି ଭର୍ତ୍ସନା କରି ମହାମନା
ମଉନ ବ୍ରତେ କୁଟୀରେ
ଶୋଇଥିଲେ ତପ ସ୍ଥାନୁ ହଳଧର
ଆସି ଆଶ୍ରମେ ମିଳିଲେ । ୩୪ ।

Digitized by srujanika@gmail.com

ମୂକ ମନସ୍ତାପ ଜାଣି ମୂକ ସୁତ
ପୁଚ୍ଛିଲେ ବନସ୍ଥ ଖଗେ
କେଉଁ ଦୁରୁଦଣ୍ଡ ଚଣ୍ଡାଳ କି ଦଣ୍ଡ
ଆଜ୍ଞା ଦେଇ ଯମଦାସେ । ୩୫ ।
କରିବ ପାଳନ କର୍ତ୍ତବ୍ୟ ଅଧମ—
ସନ୍ତାନ ତବ ତାପରେ
ଡାଳ ବ୍ରହ୍ମଦ୍ୱାର ଲାଗିଇବ ଶୂଳ
ଗରଳଜ୍ୱାଳା ପ୍ରକାରେ । ୩୬ ।
ଉତ୍ତରିଲେ ବ୍ରହ୍ମ ବେଣ୍ଟ ତୋର ମାତା
ମସ୍ତକ ଖଡ଼ଗେ ହାଣି
ଦେଇ ପାରିଲେ ମୋ ବେଦନା ପିପାସା
ମେଣ୍ଟିବ କୁମରମଣି । ୩୭ ।
ବାକ୍ୟ ଶତକୋଟି ଅଣଗୁଣ ମୂର୍ତ୍ତି
ପବମାନ ମେଘମାଳ
ଏକାବେଳେ ମାଡ଼ି ଆସି ମୁଣ୍ଡେ ପଡ଼ି
କଲା ପ୍ରଳୟ ପ୍ରବଳ । ୩୮ ।
ଘାତରେ ଶାଳ୍ମଳୀ ଦ୍ରୁମନ ଉପୃଡ଼
ଶାଖା ଛିନ୍ନ ହେଲପରି
ବାଳ ବ୍ରହ୍ମସୁତ ଧୈର୍ଯ୍ୟ ଶାଖା ଭାଙ୍ଗି
ପଡ଼ନ୍ତେ ଦୈବ ଧୂମର । ୩୯ ।
ପାଦପୁଁ ନର୍ଯ୍ୟାସ ବହିର୍ଗତ ପରି
ନେତ୍ରୁଁ ଲୋତକ ଝରୁଛି
ମନ ଗନ୍ଧ ମୂଷା ବେଳକୁ ଚେତନା
କୁଣ୍ଡଳ ଟାଣି ଧରୁଛି । ୪୦ ।

Digitized by srujanika@gmail.com

ବେଳ ଅନୁସର   ତପସ୍ୟାରୁ ଫେର
ବଳଗ୍ରାମ, କଳ୍‌କାଗ୍ରାମ
ପ୍ରବେଶି ଦେଖିଲେ   ଶବ ନିଭୃତବେ
ନବ ନିରବ ଆଶ୍ରମ । ୪୧ ।
ତାତେ ପୁଚ୍ଛୁଁ ମାତ   ଭଣିଲେ ଅଗ୍ରଜେ
ଦେଇଥିଲେ ଯେ ଆଦେଶ
ସେହି ଆଦେଶର   ପଥିକ ହେବ କି
ନୋହିଲେ ମୋତେ ବିନାଶ । ୪୨ ।
ଶ୍ରବଣେ ଏ ବାଣୀ   ବିଗୁରିଲେ ପୁଣି
ଭାଇ ତିନି ଏକ ମତେ
ସେ ଧରିଲି ଦଶ—   ମାସଗର୍ଭେ, ନାଶ
ହେବ ସେ ସନ୍ତାନ ହସ୍ତେ । ୪୩ ।
କ୍ଷୀର ପାନେ ପିଣ୍ଡ   ବଢ଼ାଇଲି ଦଣ୍ଡ
ଦେବତାରେ' କେ ଅଧମ
ଯେତେ ଦୋଷେ ହେଲେ   ଜନନୀ ମହୀରେ
ନର୍ଦ୍ଧଣ୍ଡିତ ଶାସ୍ତ୍ର ଧର୍ମ । ୪୪ ।
ପୁଣି ବିସ୍ମରନ୍ତି   ପିତାଙ୍କ ଅବଜ୍ଞା
କଲେତ ମହାପାତକୀ
ବିନାଶିଲେ ତାତେ   ହେବା ପିତୃହନ୍ତା
ବିଦ୍ରୋହୀ ବ୍ରହ୍ମ ଘାତକୀ । ୪୫ ।
ଆତ୍ମାଘାତୀ ହେବା   ସହଜ ଉପାୟ
ମର୍ମେ ଉଦୟ ହୋଇଲା
ମୁକତ ମନର   ଫାଟକ ଅର୍ଗଳ
ଚେତ ଜ୍ଞାନ ନିବାରିଲା । ୪୬ ।

Digitized by srujanika@gmail.com

ଧର୍ମ କର୍ମ ବାଣୀ   ପୂତ ଗୀତ୍ତି ଜାଣି
କୋଳରେ ମୂକ ପୁଙ୍ଗବ
ବୋଲିଲେ ନର୍ଲ୍ଲଜ   କେତେ ଦମ୍ଭ ତ୍ୟାଜ
ଅନାର୍ଯ୍ୟ ସମାଜ ଭବ ।୪୭ ।

ଦଭକ୍ତରେ ଲେଭଜ   ମା' ଭକ୍ତ ବତ୍ସଳ
ପଟଙ୍କ ଯାଅ ଜାରତ
ତବ ଅଟଳବା   ଜ୍ଞାନ ଅଛୁ ଜଣା
ନଶ୍ବରା ଧର୍ମ ପଞ୍ଚତ ।୪୮ ।

ବାଳ ଚପଳତା   ଗ୍ରନ୍ଥ "ମାତୃହତ୍ୟା"
ପଦ୍ୟେ ଦୁଅ ଅଗ୍ରସର
ନହେଲେ ପ୍ରମାଣ   ଜାଣିଜ ସନ୍ତାନ
ଶିଶୁ ଦୁଅ ସ୍ଥାନାନ୍ତର । ୪୯ ।

ଶୁଣି ମର୍ମନ୍ତୁଦ—   ବାଣୀ ମୂକଙ୍କର
ବ୍ୟଥାନ୍ତରେ ମୂକସୁତେ
କହନ୍ତି ଶୁଣନ   ଦଅ ଘାଲଟାଇ
ଶଣକରେ ଶୁଣପତେ । ୫୦ ।

ଫୁଟିଯାଉ ନେତ   ଫାଟିଯାଉ ବକ୍ଷ
ବାଜୁ ଦୁର୍ନାଦ ଡିଣ୍ଡିମ
ଟଳ ପଡୁପଛେ   ମନ୍ତ୍ରୀ, ମନ୍ତ୍ରୀପୁଷି
ମା' ବନାଶନେ ଅକ୍ଷମ ।୫୧ ।

ଏ ସମୟେ ମଠେ   ପ୍ରବେଶିଲେ ମଠେ
ମଠାଙ୍କ ନବ କିଶୋର
ମୂରୁଡ, କନସ୍ତୁ   ପୂତ ପ୍ରଭବନ୍ତ
ଦେଖି ବସ୍ତୁଭ କୁଟୀର । ୫୨ ।

Digitized by srujanika@gmail.com

ଘାତ୍ ଶୋକାତୁର ମାତା ଜ୍ଞାନହଂସ
ପିଅର ବକ୍ଷାଦେବଙ୍କ
ମୁଖ ଶୁଷ୍କ ଜଳୁ ଝରେ ସ୍ୱେଦବିନ୍ଦୁ
ଚକ୍ଷୁ ସ୍ଫୁଲିଙ୍ଗନ୍ତୁ ଘୋର ।୫୩ ।
ଜଗତ୍ର ନେ୍ୟାଣରେ ଝଟକେ ଝିଟକେ
ଦ୍ୟୁତ ପାତନ ଘଟିବ
ପୁଛିଲେ "ଶ୍ୱେ ପିତା' ଆଶ୍ରମେ ଦୁଷ୍ଟିନ୍ତା
କେ ଆଣିଲା ଜଡ ଯବ । ୫୪ ।
ବୋଇଲେ ମହର୍ଷି ଅଭିଳାଷ ମୋର
ପୂର୍ଣ୍ଣ କରିବାକୁ ଷମ
ହେବୁକି ବାବୁରେ ? ନିଷ୍ଠୁର ଆଦେଶ
ପାଳିବ ଏ ପଶୁରାମ । ୫୫ ।
ତିନ ବାଥ ସତ୍ୟ କର ମୋ ଶୋଣିତ
କୋପିତ ଯେବେ ତୋ ଠାରେ
ଥିବ ପିନା ଦେବ ପ୍ରତିଜ୍ଞା ଅଟଳ,
ନଥିଲେ କ ହୋଇପାରେ । ୫୬ ।
ବର୍ମି ଗଲା ଶୁଣି ପିତାଙ୍କଙ୍କୁ ବାଣୀ
ନାଚ ଉଠିଲା ଧମନୀ
ଶିରପ୍ରଶିରରେ ଖେଳିଗଲା ଖରେ
ଚନ୍ଦ୍ର, ବଜ୍ର, ସୌଦାମିନୀ । ୫୭ ।
... ଳ ଟଳ ଡାକିଲେ ଅନଳ
ଅର୍କ ନୈଋତ ଅନଳ
ଚନ୍ଦ୍ର ବୃକୋଦର ବରୁଣ କୁବେର
ଆହେ ଦଶଦିଗ ପାଳ । ୫୮ ।

Digitized by srujanika@gmail.com

କରୁଛୁ ଶପଥ ମାନବ ଜଗତ
ପିତ୍ରାଦେଶ ସାକ୍ଷୀ ମୋର
ଦେବାକୁ ତୃପ୍ତିମା କରେ କଣ୍ଠ ମୂଳ—
ସୂଚ ଢାଳଦେଲେ ମାର । ୫୯ ।
ଆଦେଶକୁ ପିତା ପାଳିବ ଜଗୃତ
ସେଦେବ ଷଣ୍ମୁଖ ଗୀତ
ଉତ୍ତରଲେ ଋଷି— ମଣୀ ମାତା ସହ
ତୋଷ୍କ ଏ ଜନ ସୋଦର— । ୬୦ ।
ମସ୍ତକ ଛେଦନ କରବେ ନନ୍ଦନ
ଦର୍ଶନେ ଲଭିବ ଶାନ୍ତି
ଏ ବାକ୍ୟ ଉଦୁର ପଡ଼ିଁ କର୍ଣ୍ଣ ଦ୍ୱାର
ଛୁଣ୍ଡାଇଲା ହୃଦତନ୍ତ୍ରି । ୬୧ ।
ଅତଳମେ ଲୋଟି ମଗ୍ନ ପଣ୍ଡମେଷ୍ଟି
ଜଡ କାଢ ଅସମ୍ଭାଳେ
ଭାଳନ୍ତି ଶ ହେଳ ଭାଗ୍ୟେ ଏହା ଥିଲ
ବଢିଥିଲ ଯାହା କୋଳେ । ୬୨ ।
ଯାହାଙ୍କ ସ୍ନେହରେ କାଟୁଥିଲା ଦନ
କାଟିବ ତାହାର ଗଳା
ପିତୃ ଭକ୍ତ ଭ୍ରାତା ପତିବ୍ରତା ମାତା
ଛତ ଏ ଜନ୍ମ ମଙ୍ଗଳା । ୬୩ ।
ଲଗାଇଲେ ତାତ ଜବା କରୁଛନ୍ତି
ପରୀକ୍ଷା ନଯାଏ ଜଣା
ସ୍ୱଳ କାଢ ଉଠି ଛୁଢ କଣ୍ଠେ ଭକ୍ତି
ପିତା ଏ କ କୁମନ୍ତ୍ରଣା । ୬୪ ।

Digitized by srujanika@gmail.com

କୋପେ ଯମଦଗ୍ନି   ଘୋଷ କି ଦାବାଗ୍ନି
ରେ ଅଧମ କୁଳାଙ୍ଗାର
କାଢିବା ପାଇଁ ତୁ   କରି ନଥିଲୁ ତ
ସତ୍ୟ, ହୃଦେ ଚିନ୍ତାକର । ୬୫ ।

ଅସହ୍ୟ ଜନକ   କୋପରେ କନକ
ଗଉଷ୍ଟ ଗଉଷ୍ଟ ଭଳି
ଜନନୀ ରେଣୁକା,   ଚିନ୍ନ ସଂହାଦର
ଦନ୍ତଦେହୁରୁ ଯେ ବଳ । ୬୬ ।

ଛେଦ ଝଲ ଟାଣ   କୃପାଣେ ସ୍ମରଣ
କରିଧର୍ମ ଜ୍ଞକଦାର
ପଡ଼ିଲେ ଭୂତଳେ   ସତ୍ୟ ବ୍ରତ ପାଳ
ଋଷି ବାଳ ବ୍ରହ୍ମଗୁଣ । ୬୭ ।

ପିଣ୍ଡ କାଷ୍ଠ ବାଣ୍ଡ   କଣଳପ୍ରେ ମୁଣ୍ଡ
ରୋଷ, ପୁତ୍ରଧର କୋଳେ
ଚେତାଇଲେ ପିତା   ପ୍ରଗଳ୍‌ଭେ ଆସ୍ୱାଦୀ
ବାଞ୍ଛିତ ବର ମାଗିଲେ । ୬୮ ।

ସକରୁଣ ସ୍ୱରେ   ନେତ୍ରେ ଭାଷିଲେ
ପିତୃ ବତ୍ସଳ ପିତାଙ୍କୁ
ଯାଚି ଦେଲ ଯେବେ   ବର ଦୟାଳବେ
ଦିଅ ମୋ ମାତା ସ୍ତ୍ରୀ ଭାଇରେ । ୬୯ ।

ଜୀବନ ଭୂଷିଲ   ଯବନଙ୍କୁ ମନ୍ତ୍ରୀ
ମୃତ୍ୟୁ ସଞ୍ଜୀବନ ମନ୍ତ୍ରେ ।
ଯୋଡ଼ି ଚର୍ଣ୍ଣି ମୁଣ୍ଡ   ସିଞ୍ଚିଦେଲେ ବୃନ୍ଦ
ଉଠିଲେ ସବେ ଜାଗ୍ରତେ । ୭୦ ।

Digitized by srujanika@gmail.com

ଦେଖି ଥିଲେ ତନ୍ୱୀ ଆଶ୍ରମ ପାଳିତ
ପଶୁପକ୍ଷୀ ମୌନହୋଇ
ମାତି ଉଠିଲେ ସେ ଆନନ୍ଦ ବନ୍ୟାରେ
ଯଥା ସିନ୍ଧୁ ବଧୂ ସ୍ୱର୍ଣ୍ଣ । ୭୧ ।
ଦୁଃଖି ହୋଇଥିଲା ମସ୍ତିତ ମଧୂରେ
ଉଦ୍ୟାନ ଗଲା ପରଶି
ଲୁଚି ଯାଇଥିଲା ଚନ୍ଦ୍ର କର ମୁଖ
ଦେଖି କାନନ ଗବାଣି । ୭୨ ।
ବଳଣି ଆସିଲା କୁସୁମ ବଲ୍ଲୀରେ
ଗନ୍ଧବହ ଫୁଲ ବଧୂ
ଅଳି ଏ ଅଳରେ ଗୁଣୁ ନନାଦରେ
କାଣିଲେ ସୁମନ ମଧୂ । ୭୩ ।
ମୁନିଙ୍କ ପଦ୍ମରେ ବନ୍ଧଲେ ସତ୍ତ୍ୱରେ
ମାତା ସହ ମୁନିସୁତେ
ଦୋଷାଦୋଷ କାର କରିବା ବିସ୍ତାର
ନଥିଲା କାହାର ଶକ୍ତେ ।୭୪ ।
ଅସ୍ତାଚଳ ଚୂଳେ ଶୋଭ ଏକ୍ଷ କାଳେ
ଆରକ୍ତ ବରଣ ରବି
ପ୍ରାଚୀ ବହାପ୍ତସ ହେଲା ହସ ହସ
ଦେଖି ଦ୍ୱିଜେନ୍ଦ୍ର ଛବି ।୭୫ ।
ଦିବାବସାନରେ ନିତ୍ୟ ବିଧାନରେ
ଯୋଗାଡ଼ ସନ୍ଧ୍ୟା ଆଳତି
ସଘନେ ଗରଜି ଉଠେ ଘଣ୍ଟାଦର୍ଭ
ଆରମ୍ଭ ବୈଦିକ ନୀତି ।୭୬ ।

Digitized by srujanika@gmail.com

ଧୂପାଳଙ୍କ ଶେଷେ ଈଶ୍ୱର ପ୍ରାର୍ଥନା
ମନାସୀ ବିଶ୍ୱ କଲ୍ୟାଣ
ବସି କୃଷ୍ଣାଜିନେ ବେଦ, ବେଦାଙ୍ଗର
ତତ୍ତ୍ୱ କଲେ ବରଷଣ ।୭୭ ।
ଗୀତା ଭଗବତ ପୁରାଣ ଶାସ୍ତ୍ର
ଚନ୍ଦ୍ରା ନୀରେ ଅବଗାହ
ଦେବାର୍ଚ୍ଚନ ପ୍ରାନ୍ତେ ଅଂଶନାଦ୍ୱ ନନ୍ତ
ଘାଣମୁର୍ଖେ ହରିଧ୍ୱନି ।୭୮।
ଆଶ୍ରମ ବାସୀଙ୍କ ବାସସ୍ଥାନ ଘର
ପ୍ରାପତ ଜନେ ଶଙ୍ଖୋଳ
ଯଜ୍ଞକୁଣ୍ଡେ ଦେଇ ସମିଧ ଶିଖାରେ
ଭସ୍ମ ଆଚ୍ଛାଦନ କରି ।୭୯।
ନିଦ୍ରା ଦେବୀଙ୍କ ବିଶ୍ରାମ ନିଃଶଙ୍କେ
କଲେ ଅନ୍ତେବାସୀଗଣ
ଯାଭବନାଯାହା ଚାଭବରେ ତାହା
ବିଭୁ କରନ୍ତୁ ପୂରଣ ୮୦

———

Digitized by srujanika@gmail.com

୨- ଶ୍ରେଣୀ ।

(ଶୃଙ୍ଖଳା)

ହେନ ଏ ରୂପ ବିଦୂଷ ଦୂଷଣ ବିନାଶ ରସ
ରସନା ଘୋଷୁ ସର୍ବଦା ଚରିତାମୃତ
ମୃତ ହେଲେ ବଚରିତ ପର ତନୁରେ ଧୀଖ୍ୟାତ
ଖ୍ୟାତ ଯଶ ନାଶ ହୁଏ ଦଇବ କୃତ
କୃତ କର୍ମ ହେଲେ ପ୍ରାପତ
ପତଙ୍ଗେ ଖଗ ପନ୍ନସ୍ତ କ ଅଳଙ୍କୃତ । ୧

କ ତବ ଭୁଜ ହଜାର ଜାରୁ ସେ ରାଜଶେଖର
ଖର ଶାଣ ଖାର ତୂଣ୍ଡେ ଭର ସଜ୍ଜିତେ
ଜିତେନ୍ଦ୍ରିୟ ବେଶୁଁ ବଳ ବଳଚ୍ୟୁତ ଅସୁମାଳୀ
ମାଳି ବାଟରେ ବନଚର ବଜେ ତୁରିତେ
ତୁରି ଭେରୀ ଉଠିଲା ବାଜି
ବାଜି ଗଜ ରଥ ଭୃତ୍ୟେ ଆସିଲେ ସାଜି । ୨ ।

ସାଜି ପାରିଧିର ବେଶ ବେଶ୍ମ ବିରେ ମାଗଧେଶ
ଗଧେଶ ଛେଦିଲେ ମାର୍ଗ ବିଟପି ଶାଖା
ଶାଖା ମୃଗେ ବାଞ୍ଛ ମୁଦା ମୁଦାର ଶତେ ପ୍ରମଦା
ମଦାଳସି ଏ ଶିକାରୀ ଶୁଣେ ଆଶଙ୍କା
ଶଙ୍କା ଶୂନ୍ୟେ ରହିଲେ ବସି
ବଶିଷ୍ଠ, କୌଶିକ ଦ୍ୱନ୍ଦ କଲ ମନାସି । ୩ ।

Digitized by srujanika@gmail.com

ନାଶିକା ବାଶ ସଂଶୟ   ମୟରୁ ମାୟାରେ ଶ୍ରେୟ
ଶ୍ରେୟସ୍କର ନୟ ଯେନ କଲେ ବଜୟ
ଜୟ ନାଦେ ନବ ମାର୍ଗ   ମାର୍ଗଶିରେ ଭୃତ୍ୟ ବର୍ଗ
ବର୍ଗ କୋଷ ପଦ୍ଧିରେ ଗମନୋଦୟ
ଦ୍ୱୟ ପାଶେ ନିଶାଣ ଦ'ର
ଦାର ଶନକ ସୈନିକ ବନ ଦ୍ୱାର ।୪।

ଦ୍ୱାର ଓ କଳା ଆକାଶେ   କାଷେ ଶୋ'ଇ ନକ୍ଷତ୍ରହାସେ
ହାସେ ଗୋପ୍ୟ କଲେ ଚନ୍ଦ୍ର ଜାନକ ଜନ୍ତୁ
ଜନ୍ତୁ ପଡି ଦେଖି ମନ୍ତ୍ର   ମନ୍ତ୍ରଜର ଧୂତ ଚନ୍ତ୍ର
ଚନ୍ତ୍ର ଥିବା ଯଥା ବକ୍ର କୋରକ ବୃନ୍ତ
ବୃନ୍ତ ଯେହ୍ନେ ନିବୃତ୍ତ ବୈଶ୍ୟ
ବୈଶ୍ୱାନର ତାପେ ବଳାଶ୍ରୟ କି ବୃକ୍ଷ ।୫।

ବୃଷଳୀ କାମେ କାମନା   ମନା ପଣ୍ଡ ମହାମନା
ମନାଙ୍ଗି ବେଶ୍ମ ଆସାରେ ପ୍ରବେଶ ନିଶା
ନିଶା ଗୁଡ଼ ନଥିଲାଟି   ଥିଲାଟି ହିଂସାର ବ୍ରତ
ବ୍ରତଶ୍ରୀ ଗହନେ ଭ୍ରମେ ନପାଇ ଆଶା
ଆଶା ଶୂନ୍ୟେ ବନେ ବିହର
ହର ମନ୍ଦର ଦେଖିଲେ ନର କେଶରୀ ।୬।

ସବ୍ର ସମତା ଶୋଭର   ଭରତେ ବା କାର୍ଣ୍ଣ ଆର
ଆରତକୁ ଯମ ଜମଦଗ୍ନି ଆଶ୍ରମ
ଶ୍ରମ ଧର୍ମେ ଅବନତି   ବନ୍ଦୀଶ କାମ୍ୟକେ ବଶ
ବସନ୍ତ ଲମ୍ଭଲ କବା ଚ୍ୟୁତ କୁସୁମ

Digitized by srujanika@gmail.com

ସ୍ମରଣେ ବାହୀନାଦ ସେନା
ମେନକା କି ଯେନ ଦରଶନେ ଜ୍ୟନା । ୭ ।

ଜ୍ୟନା ନାହିଁ ଅସନ ସନକାଦି ତପୋବନ
ବନ ପକ୍ୱ ଫଳ ତୃପ୍ତି ଆହାର ନିତ୍ୟ
ନିତ୍ୟ ବ୍ରହ୍ମ ସନାତନ ତନମସ୍ତୁ ପଦ ଧିଆନ
ଧୀଆନ ନକରେ କେହି ଅସତପଥ
ପଥରୁ ସହସ୍ରେ ଅଧିକ
ଧିକ ଇନ୍ଦ୍ରପଦ ରାଜ ବିଭବ ଧିକ । ୮ ।

'ଧୀ'କ ରେ ଥିବ ଯାହାର ହାର ମାନବ ନିକର
କରନା ଝଙ୍କାର ପଣ ଗରବ ନାଶ
ନାଶ କର କରବାଳ ବାଳଠାରୁ ହୀନବଳ
ବଲ୍‌କଳ ଧାରିଙ୍କ ଧାସେ ହ୍ରାସ ସାହସ
ହସନ୍ତି ଜିତ ପ୍ରଭାକର
କରମାଳ ଦ୍ୟୁତି ଦେଖି କର ମାଳର । ୯ ।

ମାଳର ପୁଷ୍ପ କୋରକ କୋରକରେ ଆଗ୍ରହକ
ହକ ପ୍ରାପ୍ତେ ମୁଗ୍‌ଧ ଯଥା ଦେଖି ଅତିଥି
ତିଥି ପୂର୍ଣ୍ଣି ଦେଖି ସିନ୍ଧୁ ସିନ୍ଧୁନେ ରତ୍ନ ସମ୍ପଦୁ
ପାଦୁକା ହିନ କୃପଣ ଯେସନ ମତ୍ତ
ମତ୍ତମାନ ରାଜା ତେସନ
ସନନ୍ଦ ଦେବାରେ ପାଞ୍ଚ ସାନନ୍ଦ ମନ ।୧୦।

ମନ କଥା ନ ପ୍ରକାଶି କାଶି ବାସୀ ରୂପ ବଶି
ରାଶି ଦୂରେ ଦେଖି ନମ୍ରେ ଯୋଡ଼ସେ କର

Digitized by srujanika@gmail.com

କରମ ବାଞ୍ଛିତ ଫଳ   ଫଳଦ ହେଉ ଭୂପାଳ
ପାଳନ କରିବା ହେଉ ଅନ୍ତଃପୁର
ପୁରଣୁ ଅଣାଇ ନନ୍ଦନୀ
ନନ୍ଦନୀ ସ୍ନେହେ ଆଦେଶି ତାପସ ମଣି ।୧୧।

ମଣି ଅନ୍ତଃପୁରେ ଇଷ୍ଟ   ଇଷ୍ଟ କାଳପ୍ୟେ ପ୍ରବିଷ୍ଟ
ଦୃଷ୍ଟ ସ୍ୱପନେ କରାଇ ମନ୍ତ୍ରିଲେ ଗୃହ
ଗୃହ ପାଳତ ସେ ପଶୁ   ଦଣ୍ଡୁପାଳ ବାଧ ଆଶୁ
ଆଶୁ ଗା ଗରୁ ଖୈଳିକ ଭବନ ସହ
ସହସା ସୁରଭି ନର୍ମାଣି
ମାଣିକ୍ୟ ପ୍ରଦୀପ ଜଳେ ଉଜ୍ଜ୍ୱଳ ଠାଣି ।୧୨।

ଠାଣିକ ରାଜ ନବର   ବରଣରେ ଅବସର
ସରସ ହେବା ଗୋଚର ନହବେ ଜାଣି
ଜାଣି କଳ୍ପନ ନୃପର   ଚଢ଼ିଣି ଅନ୍ନ ନବାର
ବାର ନହାରୁଁ ନର୍ମଳ ଧଉତ ପାଣି
ପାଣିନ ଘଷେ ଚର ଘୁଇ
ରଘୁଇ ଘୃତରେ ଆଚମନ କରାଇ ।୧୩।

ସାଇ ବଜ ପ ତ୍ରେଷଦ   ଧଦନେ ଶଯ୍ୟା ସୁଖଦ
ଚ’ ଦଶ ସ୍ୱଭାନେ ତାସ ଶୋଭା ବିକଶି
କହିଲ ଧର୍ମ ମରଳ   ମରାଳୀବେ ଦେବ ଖ୍ରୋନ୍ନ
ଖ୍ରୋଜ୍ଞ ଭ୍ରାତ୍ରେ ମଗଧେଶ ଶାଳନ୍ତି ବସି
ବସି ଥିଲା ରାଜ ଭବନେ
ବନେ ଏ ଘଟଣ ଜାଣି ନଥିଲା ମନେ ।୧୪।

Digitized by srujanika@gmail.com

ମନେ ଚାହେଁ ଯୋଗୀ ରାଜ   ରାଜ ଅନ୍ତଶ୍ଚର୍ଯ୍ୟ ତାଜ
ତା' ଜନମ ଧନ୍ୟ ହେଲ କେତେ ସମ୍ମାନ
ମାନ ମର୍ଯ୍ୟାଦା ଅପାର   ମା' ପରେ ନଜ ଅଛି ତାର
ତାପସ ବାସରେ ଷଡ଼ରସ ଭୋଜନ
ଜନରବ ଶୂନ୍ୟ ହେବାରୁ
ବାରୁଣୀ ଶିରେ ଶୋଇଲେ ସୁମନ୍ତ ଗୁରୁ ।୧୫।

ରୂପ୍ୟ ନଦ୍ୟା ଧାରେ ଚନ୍ଦ୍ର   ଚନ୍ଦନ ନଟାବଶାନ୍ତ
ସାନ୍ଦ୍ର ଉଦେ ହନୁ ଜାଣି ଲୁଚେ ଅଶିତ
ଛିନ୍ନ ଭିନ୍ନ ଚନ୍ଦ୍ର ବ୍ୟୋମ   ବ୍ୟୋମକେଶ କେଶ ଭ୍ରମ
ଭ୍ରମରେ ହେଲେ କି ଜଳ ବହ୍ନିଦାର୍ଣ୍ଣିତ
ଶ୍ରିତ ତପୋବନ ସୈକତେ
ନକେତନେ ସୁପ୍ତ, ଉଠେ ଆଶ୍ରମ ଲୋକେ ।୧୬।

ଲୋକେଶ ଦତ୍ତ ସୁରଭି   ସୁର ଭକ୍ତି ଯା ପଦବୀ
ପଦଙ୍କ'ରେ ନ ପକାଇଁ ସୃର ତା ସେବା
ସେ ବାର ବେନ ଭୁବନ   ବନସ୍ଥର ତପୋଧନ
ଧନ ଗୋରସ ଆଶାୟୀ ସୁରେ ବନ୍ଦବା
ବନ୍ଦବା ସେ ପ୍ରଜା ନକର
କର ମୋଡେ ନିଦ୍ରାଳସେ ଶଯ୍ୟା ଉପର ।୧୭।

ପରନ୍ତେ ଦିନକର   କର ଯାଗ ପୃଥିବୀର
ବୀର ଗଣ ଜାଗରଣ ସଙ୍ଗ ତେଜ
ତେଜ ତଳପ ସଜନ   ଜନତା ମୁଖେଁ ଶ୍ରବଣ
ବଣ ବାପି ଘଣ ଧେନୁ ଯୋଗୁଁ ବବ୍ରଜ

Digitized by srujanika@gmail.com

ରାଜ କର ତପି ଶେଃରେ
ଖରେ ଯେହ୍ନ ସିବା ଧେନୁ ରାଜ ନବରେ ।୧୮।
ବରେଣ୍ୟ ବର୍ଣ୍ଣ ମାନର ନରକ ଜାତ ଭୂ'ସୁର
ସୁରଭି ନେବା ଆଶାରେ, ପାଶେ ପ୍ରବେଶି
ବେଶି ନନ୍ଦିଷି ଶିଷିରେ ଶିରେ ପାଣି ଉକଣ୍ଠରେ
କଣ୍ଠରେ ବସି ସୁଯଶ ରାଶି ପ୍ରଶଂସି
ଶଶି ଚୂଡ଼ ପର ତୁ ପୂତ
ପୂତନାମାରଣ ନାମ ଧ୍ୟାନ ତୋ ବ୍ରତ ।୧୯।
ବ୍ରତ ସିଦ୍ଧ ଫଳ ଗାଈ ଗାଇବ ଗୁଣ ଗୋସାଇଁ
ସାଇଁ ବୃତ୍ତିରେ ପାଇଲେ ବ୍ରହ୍ମ ସଂପଦ
ପଦ ଖ୍ୟାତ ହେଉ ଊଣା ଊଣା ନ ହେଉ କରୁଣା
ରୁଣାକାରେ ହେଉ ପନ୍ଥେ ନୋହୁ ମାଗଣା
ଗଣା ହେଉ ନାମ ଦାନରେ
ନୀରେଶ ବେଳା ଲଙ୍ଘିଲ ମୁନି ବୋଇଲେ ।୨୦।

———

Digitized by srujanika@gmail.com

୩ – ଶଙ୍କର ଭରଣ

କାମଧେନୁ ଦାନେ ଯତ୍ତ ଦ୍ୱେଜ ଅସ୍ୱୀକୃତ
ବାମଯଣେ କୋପେ ନୃପ କରେ ଅଶିଧୃତ
ଦର୍ପେ ଦର୍ପିଷ୍ଟ ରାଜନ
ଋଷିରେ ଘସେ ଖୁସିରେ ଦେବୁକ ଗୋଧନ ।୧।
ନ ଦେଲେ ତୋ'ତ୍ରାଣକର୍ତ୍ତା କେହ୍ୱ ଭୂମଣ୍ଡଳେ
ନାହିଁ କେ ନୋହିବେ ଜଣେ ଷଣେ.କହିବାକେ
ହ୍ୱାଣି ଜନ୍ମୁମନ୍ତ ଆଲେ
ପ୍ରାଣବାୟୁ ନେପିଟେଦବ ଶବ ଶିବ କୂଳେ ।୨
ଢ଼ଷ୍କମ ଅଗ୍ନି ଦ୍ରୁଷ୍ଟିରେ ଯମଦଗ୍ନି ଜଳା
ରାଜାବାକ୍ୟଘୃତାହୁତ ଦେଲା ମର୍ମେଜ୍ୱାଳା
କୋପେ ତପି ତପୋନସ୍ଥ
ରେ ନର୍ଲଜ ପଶୁଧର୍ମଗ୍ଲାନ ନର୍କକୀଟ ।୩
ବିଶ୍ୱାସ ଘାତକା ମୂଢ଼ ପରଶ୍ରୀକାତର
କାଳ ଫଣିନ୍ଦ୍ରେ କାହିଁ ତୃପ୍ତି କ୍ଷୀରଧାର
ଜନ୍ମଦୁର୍ଦ୍ଦଣ୍ଡ ଲକ୍ଷଣେ
ଶଠେ ଶଙ୍କା ନାହିଁ ଧର୍ମ ଧର୍ମ ପାପପୁଣ୍ୟେ ।୪
ମନେ ସ୍ମର ସ୍ମର ହର କେ ଘାନଳେ ନାଶ
ତୋ ତନୁ ଅତନୁକର 'କରିବ ପାଉଁଶ
ଧର୍ମ ହାନ ହେଲେ ହେଉ
ଲମ୍ପଟି କପଟି ଗ୍ଲେର ଖଳବୃତ୍ତି ଯାଉ ।୫

Digitized by srujanika@gmail.com

ଋଷିବାଣୀ ବାଣ ଜାଣି ଋଷି ରସାପାନ
ଗଳ ଗ୍ରହଣରେ ବଢ଼ାଇଲେ ଧନୁହ୍ଵଳ
ଯୋଗି ରାଜଚନ୍ଦ୍ର ହାସେ
ନେତ୍ରଦ୍ୱ ଧନୂର୍ଗୁଣ କୁଦ୍ଦଉଠିଲେ ସହର୍ଷେ ।୬

ତୀକ୍ଷ୍ଣ ଶୃଙ୍ଗେ କାମଧେନୁ ନାଶେ ବହୁ ସୈନ୍ୟ
ମୁନିଙ୍କ ସଂଗ୍ରାମ ସାହସ ବୀର ସମ୍ରାର୍ଜନ
ରଣ ଭଙ୍ଗେ ପଳାୟନ
କଲା, ବରଷେ ବରଷେ ଲଭି ଅପମାନ ।୭

ଆଶ୍ରମ ଐଶ୍ୱର୍ଯ୍ୟ କାମଧେନୁ କ୍ଷୀର ଧାର
ରାଜା ଅନ୍ତରୁ ମୁହୂର୍ତ୍ତେ ନଗଲା ପାଶୋର
ପୁଣି ଦିନେ ସେ ନୃଶଂସ
ଛଦ୍ମବେଶେ କାମ୍ୟକ କାନନେ ପରବେଶ ।୮ ।

ଗୃହେ ମହର୍ଷି ଶିର ଛେଦି ଦୁରାଚାର
କାମଧେନୁ ବାନ୍ଧି ନେଲା ଆପଣା ନଗର
ଦୈବ ଯୋଗେ ତପସ୍ଥାନେ—
ଥିଲେ, ନଥିଲେ ଆଶ୍ରମେ ତପସ୍ୱୀ ନନ୍ଦନେ ।୯ ।

ଥିଲେସତୀ ପତିବ୍ରତା ରେଣୁକା ସୁନ୍ଦରୀ
ପତିହତ୍ୟା ଦେଖି ଦେବୀ ନୟନରୁ ବାରି
ଢାଳି ବସୁମତୀ ଅଙ୍କେ
ଜ୍ଞାନହାରେ ପଡ଼ିଥିଲେ ମୃତ୍ୟୁପିଣ୍ଡ ପାଖେ ।୧୦ ।

ଏକାଳେ ତପରୁ ବଳରାମ ହଳରାମ
କଲ୍କରାମ, ପରବେଶି ଦେଖିଲେ ମର୍ମମ—

Digitized by srujanika@gmail.com

ହତ୍ୟାକାଣ୍ଡ ଋଷ୍ୟାଶ୍ରମେ
ଚେତା କରାଇ ମାତାଙ୍କୁ ପୁତ୍ରଙ୍କେ ମରମେ ।୧୧ ।

କହୁଛି ଦାରୁଣ ବ୍ୟଥା ନଷ୍ଟୁରଇ କଥା
କଣ୍ଠରୁଦ୍ଧେ ଅଷ୍ଟୁଟେ ଋଷିଲେ ପୋତମଥା
ଗୁପ୍ତେ କାର୍ତ୍ତବୀର୍ଯ୍ୟାର୍ଜୁନ
ଜନକେ ବଧାସି କଲା ସୁରଭି ହରଣ ।୧୨ ।

ପୁତ୍ରେ ମାତା ବାଣି ଶୁଣି କରୁଣ ଧ୍ୱନୀରେ
ଉଚ୍ଛୁଳାଇଲେ ଆଶ୍ରମ ସାଶ୍ରୁ ନୟନରେ
ମୃତପିଣ୍ଡ ପାଶେ ବସି
ମୌନେ ମନସ୍ତାପେ କର କପାଳେ ଲଗେଇ । ୧୩ ।

ମୁନି କନିଷ୍ଠ କୁମର ମଗ୍ନ ତପସ୍ୟାରେ
ହୋଇଥିଲେ, ପିତାହତ ଜାଣିଲେ ଧ୍ୟାନରେ
ଯୋଗ ସମାଧିରୁ ଉଠି
ଉଦ୍‌ବେଗେ ଗମିଲେ ପଥ କରୋର ଧୂର୍ଜ୍ଜଟି ।୧୪ ।

ପ୍ରବେଶୁ ଆଶ୍ରମେ ପୁତ୍ରେ ଜନନୀ ବସ୍ତେକ
ବୋଇଲେ ହତ୍ୟାରୁ ମୁକ୍ତ କଲୁ ପାପିମାନ
ଦେଖି ଏ ଦୃଶ୍ୟ ଅନ୍ତର—
ହୃଦେ ଅନ୍ତର୍ଯ୍ୟାମି ଜାଣନ୍ତି ମାତର ।୧୫ ।

ତୁ ବାପୁ ପାଇସି ଜ୍ଞାନ ମାନ ଧୈର୍ଯ୍ୟବନ୍ତ
ପିତୃ ବୈର ସାଧନାର୍ଥେ ତୋ ବାହୁ ସମର୍ଥ
ଘେନି ଶୁଭ ଆଶିର୍ବାଦ
ସମୂଳେ ସହସାର୍ଜୁନ ବଂଶ କର ବଧ ।୧୬ ।

Digitized by srujanika@gmail.com

ସ୍ୱନାଦୋଷେ ସ୍ୱନ ସିଲ୍ଲ ତତ୍ତ୍ୱଜ୍ଞ ତପସ୍ୱୀ
କାମନା ପୂରଣକର ଅପରାଧ ନାଶି
ଘଣ ପତକା ସ୍ୱଣ୍ଟରେ
ଉଡୁ, ବ୍ରହ୍ମଘାଣ୍ଡ ଷଣ୍ଡ ବଂଶବିନାଶରେ ।୧୭
ମାତା ବଦନୁ ବ୍ୟାଦାନ କରୁଣ ଭାରତି
ଶୁଣି ଆପାଦମସ୍ତକ କୋପେ ଗଲା ତାତି
ପିତୃ ବତ୍ସଳ କୁମର
ଛୁଇଁ ଉପବୀତ କଲେ ଶପଥ ତ୍ରିବାର ।୧୮
ବିଶ୍ୱମ୍ଭର ବକ୍ଷେ ଯେତେ କ୍ଷତ୍ରିୟ ନିର୍ମୂଳ
କରିବି ନିଶ୍ଚୟ ଧ୍ରୁବ ବାକ୍ୟ ମୋ ଅଟଳ
ମନ୍ତ୍ର ପଢ଼ୁ ପଛେ ଗଳ
ସତ୍ତ୍ୱର ଶିରେ ପଡ଼ିଲେ ସଙ୍ଗୋଜା ଦମ୍ଭୋଳ ।୧୯
ପିତୃହନ୍ତା ଶତ୍ରୁ ଆଗ କରିଣ ନିହତ
ଦଚ୍ଛକୁବଂଶର ଯେତେ ଥିବେ କୂଳ ଗୋଷ୍ଠ
ଗୋଟା ଏକବିଂଶ ବାର,—
ସଂହାର, କନ୍ଧ ବାହାର ଧରି ଖଡ୍ଗବର ।୨୦

———

Digitized by srujanika@gmail.com

୪—କଳହଂସ କେଦାର

ଧିରେ ଏ ଭୟ ଶ୍ୟେନ ନୋହ୍ନ ଅଧିର
କଠୋର ପଣକରି ମ୍ନନ କୁଟିରେ ଯେ
ଆଶୁ ଗମନ କରେ କରେ କୃପାଣ
ଆଶୁଗ ଚମେ ଗୁଡ଼ିକ ଧନୁର୍ଗୁଣେ ଯେ ।୧।

ଧାଏଁ କ ଚକ୍ରଦ୍ୱାରେ ଅର୍ଦ୍ଧ ପରିଚ
ଅଦୃଶ୍ୟ ମୂର୍ଦ୍ଧ ମୂର୍ତ୍ତି ପଥା ଚଡ଼ିଚଯେ
ଗନ୍ତବ୍ୟ ପଥ ଅନୁସରି ରାଜାର
ଦେଖି ଅନୁଷ୍ଠ ରଥ ଡ଼ାକନ୍ତ ସ୍ୱରରେ ।୨।

ପଳାଇ ଗଲେ କାହିଁ ନାହିଁ ନିସ୍ତାର
ଯମ ପାଶେ ବନ୍ଧାଇ କେତେ ମାତରଯେ
ଅରକ୍ଷବା ଫନ୍ଦେ ଭେଗ କାହାର
ରହିଜା ବୀର ଦମ୍ଭ ହରିନା ତୋର ଯେ ।୩।

ବୃଦ୍ଧ ତପସ୍ୱୀ ବଳା ଦୋଷେ ବନାଶି
ଆଶ୍ରମ ଧେନୁ ବାନ୍ଧି ନେଉ ଭରସିଯେ
ଅଛୁ ଧରମ, ବଳ କହିବ ତୋର
ଧର୍ମ ଦ୍ରୋହରେ ଧର୍ମ ଛଡ଼ା ଶଗ୍ୱରଯେ ।୪।

ସତ୍ରକାର ତ୍ରିବଫଳ ଦେଲୁ ଫଳାଇ
ଫଳେ ଚରେ ଅଷ୍ଟ ଖାଳାଲୁ ନାହିଁଯେ
ବନାଶି ଥିଲେରଣେ ନହୋଇ ଖଣ୍ଡ୍ୟ
ବିଖ୍ୟାତ ହୋଇଥାନ୍ତା ତୋ ବୀର ପଣେଯ ।୫।

Digitized by srujanika@gmail.com

ସ୍ୱେର ବୃତ୍ତି ହକାଣି ହେଲକ ଯଣ
ତୁ ସିନା ଦୋ.ଷି, ମସ୍ୱଇବୁ ସର୍ବଣପେ
ଦେଖ ଏ ତୀକ୍ଷ୍ଣ ଖଡ୍ଗ ଆଦେଶ ଦାନେ
ଖସାଇ ଦେବ ସ୍କନ୍ଧୁ ମୁଣ୍ଡ ପତନେପେ । ୬ ।
ବାକ୍ୟ ଲେଷ୍ଟ୍ର ଆଘାତେ ସହସ୍ରାର୍ଜୁନ
ସହସା କାଳବ୍ୟାଳ ସମ ଗର୍ଜଣେପେ
କୋପେ ବୋଇଲେ ଭିକ୍ଷୁ ବ୍ରହ୍ମଜମୂଢ଼
ଆସା ବାଡ଼ତୋ ମାପ ଆବେଗ ଦ୍ରୁତପେ ।୭।
ସରମା ଭପ୍ୟେ ଥରୁ ବଡ଼ ସାହସ
ମୁଣ୍ଡ ପୋତା ବେଶରେ ମିଳାଲୁ ଆସିପେ
ବନାସନେ ପ୍ରତିଜ୍ଞା ବାହୁଜ କୂଳ
ସ୍ୱପନ ଦେଖି କବା ହେଜ ବାତୁଳପେ ।୮ ।
ପିତାଙ୍କୁ ଲଗେ ଡ଼ର ରହିଛୁ ପଛେ
ଡ଼ାକୁଛି ପିବା!ପାଇଁ ପିତୃକ ସାଥେରେ
ଭେଟ କରାଇ ଦେବ ସୁଖେ ରହିବୁ
ଯମ ଖୋରାକ ଦେବ, ମୋ ଛଟି ଦେବୁରେ ।୯ ।
ପରଶୁରାମ ଖଳଛ ନ ବାକ୍ୟରେ
ଚଳ ଜଳ ମାତିଲେ ଘୋର ସମରେ ପେ
ଆଟ ଦଶିଲେ ନରେଶ ଙ୍କରେଣଗଣେ
ବାହୁରକ୍ଷି ମୂନପେ ନବଧିପ୍ରାଣେ ପେ ।୧୦ ।
ବେଢ଼ ସେନ୍ୟ ବେଡିଲେ ଆଦେଶ କହେ
ବୃକ୍ଷ ଦଂଶରେ ବୃକ୍ଷେ ବେଡିଲ ପ୍ରାୟେପେ
ବୃଥା ହେଲା ଉଦ୍ୟମ, ମୂଳ ନନ୍ଦନ—
ଛେଦିଲେ ଅଗଣନ ମଗଧ ସୈନ୍ୟପେ । ୧୧ ।

Digitized by srujanika@gmail.com

ଦେଖି ବଳ ନହତ ସେ ମହାବଳ
ଗର୍ଜେ ନକୁଳେ ଦେଖି ଯେହ୍ନେ କୁଣ୍ଡଳଯେ
ଧରି ସହସ୍ର ଭୁଜେ କୁନ୍ତ କୃପାଣ
ଶେଲ ଭଲ୍ଲ ତୋମର ଗଦା ମାର୍ଗଣ ଯେ । ୧୨ ।
ହୁଙ୍କାରେ ତୀକ୍ଷ୍ଣ ଅସ୍ତ୍ର ମୁନ କୁମରେ
ନଭେ ଢଅଙ୍କେ ଖସେ ବ୍ରହ୍ମ ତେଜରେଯେ
ବେତ୍ତୁଁ ବେଳ ସମର ହେଲା ପ୍ରବଳ
କ୍ଷତ୍ରିପ୍ସୁ ଜାଣେସିନା ଯୁଦ୍ଧ କୌଶଳଯେ । ୧୩ ।
କାହିଁ ଆଶୁଗ ବୃଷ୍ଟି ବଚ୍ଛାକୁନ୍ତ
କାହିଁ ତେଳ ବାରୁଦ ହିଂସା ମିଶ୍ରିତଯେ
ଏ ଅବସରେ ଅନୁକ୍ଷଣ ଧାଉଁଛି
ପଡ଼ ମରଣୁ ଧରେ ପୀଡା ଦେଉଛିଯେ ।୧୪ ।
ଝୀଙ୍କ ତନୁକୁ ନଦା କଲଣୀ ତନୁ
ତଥାପି ନଦୂଞ୍ଜନ୍ତୁ ବ୍ରହ୍ମର୍ଷି ସୂନୁଯେ
ଝରଝର ଝରଇ ଶୋଣିତ ଧାର
ସୂରେ ଝଲେକ ଥିଲେ ରକ୍ତ ଅମ୍ବରରେ । ୧୫ ।
ଜାଣିଲେ ବଳବ୍ରହ୍ମ ଜଡ ଝର୍ଣ୍ଣିର
ସର୍ବାଙ୍ଗ ଥରେ ସୁଛେ ହୋଇ କାତରଯେ
ବହାମ୍ପୁଁ ଆସିଲା ଅଦୃଶ୍ୟ ଭାଷା
ନଗଣ ନୁହଁ ନଷ୍ଟେ ପୂରବ ଆଶାଯେ । ୧୬ ।
କାର୍ତ୍ତବୀର୍ଯ୍ୟ ସଂଗ୍ରାମେ ହେବ ନିଧନ
ରଣେ ଭଙ୍ଗ ଦେଇଣ ଚଳ ବନ୍ଧନଂଯେ
ଛୋଷି କୈଳାଶ ପଞ୍ଚ ଅସ୍ତ୍ର ତୋଷଙ୍କୁ
ଶାସ୍ତ୍ରକ ପାଶୁପତ ଅଜଗବକୁହେ । ୧୭ ।

Digitized by srujanika@gmail.com

ଆଣ ଅକ୍ଷୟ ଧନୁ ବାଣ , ବାଣକେ—
ନାଶିଲ ଚର ବ୍ୟାଧ ମାନବ ଜନେ ଯେ—
ମାର ମରବ ଅତ୍ୟାଗ୍ରହ ଚାମର
ଅଜଗବ କେବଳ ନାହିଁ ଜଗତ୍ତାର ଯେ । ୧୮ ।

ଏହ୍ଵାତ ମୃତ୍ୟୁ ଭେଦ, ନକର ଖେଦ
କୈଳାଶୁଁ ଫେରିବାରେ, ତା ଗ୍ରୀବ ଛେଦ ଯେ
ଦୈବୀ ବାଣୀ ଶ୍ରବଣେ ପରଶୁରାମ
ଚରମ ଉଙ୍ଗଟଦେଇ ଛୁଡ଼ ସଗ୍ରାମ ଯେ । ୧୯ ।

ଅନୁ ସରିଲ ଭୃତ୍ୟ କୈଳାଶ ପଥ
ସହସ୍ରାର୍ଜୁନ କ୍ଷଣେ ହେଲେ ସ୍ଥଗିତ ଯେ
ନଥିଲ ଅବାଧ ଷଡ଼ିପୁ ଧର୍ମ
ମତରେ ଗତ ତେଣୁ ହେଲ ଅକ୍ଷମ ଯେ । ୨୦ ।

ଗୌଡ ଦେଶୀ

କୈଳାସେ ପ୍ରବେଶ   ହେଲେ ଭୃଗୁଈଶ
ଶ୍ରମ ଘର୍ମେ ବହେ ଖରଶ୍ୱାସ
କରି ଅଙ୍ଗନ୍ୟାସ   ସେ ପରମ ହଂସ
ଅନ୍ତରେ ସମାଧି ଯୋଗେ ବଶ –
ହୋଇ, ବ୍ୟୋମକେଶ— ଧ୍ୟାନେ ମୁଦି ନୟନ ହାରସ ।୧।
ରୁଦ୍ର ପଞ୍ଚାକ୍ଷର   ମନ୍ତ୍ର ନିରନ୍ତର—
ଜପି, ରହିଲେ ଶିବ ଶଙ୍କର
ଜୟ ଗଙ୍ଗାଧର   ଶୈଳସୁତା ବର
ସ୍ମରଧ୍ୱଂସୀ ଶମ୍ବର ପର
ଜୟ ଶୂଳଧର, ମୃତ୍ୟୁଞ୍ଜୟ ରୁଦ୍ର ମହେଶ୍ୱର ।୨।
ଜୟ ବୃଷଧ୍ୱଜ   ସ୍ଥାଣୁ ଯୋଗି ରାଜ
ଯଜ୍ଞ ହତେ ହେଲ ଭୂତ ବ୍ରଜ
ଗଲେ ଅନ୍ଧରାଜ   କହିତଟେ ତେଜ—
ପର ଚରମରେ ହୋଇ ସଜ
ନର୍ଦ୍ଦେପୁ ବରାଜ— ହୋଇ ଦକ୍ଷ ମୁଣ୍ଡ ମୋଡ଼ି ଅଜ ।୩।
ଗ୍ରୀବରେ ମସ୍ତକ   ନିଯୋଡ଼ି ଛାବକ
ଲୋଚନ ନାଶିଲ ଦମ୍ଭଟେକ
ଦୈତ୍ୟ ନାକଲୋକ   ସାଗର ଉଦକ
ହେତୁ ମନ୍ଥନରୁ ବିଷପାକ
କାଳବ ନିଲେକ, ଜାଣି ଗିଳିଲ ତ୍ରିପୁରାନ୍ତକ ।୪।

Digitized by srujanika@gmail.com

ଜୟ ସର୍ବ ହର   ସୁର ଧ୍ୱନି ଧର
ଭସ୍ମ ବିଲେପନ କଳେବର
ଶ୍ମଶାନେ ବିହର   ଶୂଳ କରେ ଧର
ରୁଦ୍ର କାଳାନ୍ତକ ମୂର୍ତ୍ତିଧର
ଜୟ ସୁରବର, ଆର୍ତ୍ତ ଜନର ଆର୍ତ୍ତିହର । ୫ ।

ଜୟ ପଶୁପତି   ଅଗତିର ଗତି—
ଦାୟକ ନାୟକ ଜଗଦ୍ଧାତ୍ରୀ
ଅଭିରାମ ଦ୍ୟୁତି   ମୂର୍ତ୍ତି ମନ୍ତ୍ର ରତି
ପତିଙ୍କୁ କୋପରେ ନାଶି, ରତି—
ଭକତରେ ଶାନ୍ତ, ଲଭିବର ଦାନେ କଲ ତୃପ୍ତ । ୬ ।

ଦର୍ପିଷ୍ଟ ଦର୍ପହର—   ଘର ଦେହେ ହର
ହିଂସା ବ୍ୟାଜ ଭକ୍ତି ନାଶକର
ସତ୍ୟ ଧରମର   ପ୍ରତିଷ୍ଠା ଆଗାର
ଯୋଗୀ ଯୋଗ ମାର୍ଗ ମୂଳାଧାର
ବ୍ରହ୍ମ ନିର୍ବିକାର, ସମତୋ ସ୍ୱପଚ ମହୀସୁର । ୭ ।

ଦୁରାତ୍ମା ନିର୍ବୋଧ   କାର୍ତ୍ତବୀର୍ଯ୍ୟ ଯୁଦ୍ଧ
ଆଚରି ମୋ ତାତେ କରିବଧ
ସୁରଭି ମଗଧ—   କଣ୍ଟକେ ଅବାଧ
କରିଛି ନନେଇ ପ୍ରତିଶୋଧ
ପ୍ରାଣ ମୋ ଦଗଧ— ଦିଏ ଦିଅବର ତପସିଦ୍ଧ । ୮ ।

ଶବଦ ଗଗନୁ   ଶୁଣିଚିତ ଘନୁ
ଧର ମୁଁ ଅଇଲି ହେମସାନୁ
ଅଜଗବ ଧନୁ   ପ୍ରାପତେ ଅନ୍ତନୁ

Digitized by srujanika@gmail.com

ଦେବ ଶତ୍ରୁ ପିବ ଶୋଦ ମନ୍ତୁ
ରଖ ବ୍ରହ୍ମ ସୂନୁ, ଦୁଷ୍ଟ ନାଶ ରଜୁ କୀର୍ତ୍ତିଭାନୁ । ୯ ।
ସାଗର ଗେଷ୍ପଦେ ପର୍ବତ ହାଦେ
ହୁଏ ତୋ କରୁଣା ହେଲେ ମୋଦେ
କରୁଣା ସମ୍ପଦେ କଣିରଖ ପଦେ
ସେବୁ ଥିବ ରହି ଅନ୍ତିମାଦେ
ବନ୍ଦେ ଦାଶ ପଦେ; ସରଜ କର ଚୀର ଧନୁ ଦେ ।୧୦ ।

Digitized by srujanika@gmail.com

ନଳିନୀ ଗୀତା

ଭୃଗୁପତି ସ୍ତବେ ତୋଷିଲେ ଶୂଳଧର
ସ୍ଫଟରୂ ଧରି ଆସ୍ଥାନୁ ହେଲେ ଅବତାର । ୧ ।
ବିଭୂତି ଭୂଷିତ ଅଙ୍ଗ ଜଟା ଜୂଟଧର
କଟିରେ ବ୍ୟାଘ୍ର ଅଜିନ ଦିଶେ ମନୋହର । ୨ ।
ଗଳାକୁ ବେଷ୍ଟି ଯାଉଛି କଳା ବିଷଧର
ଫଣା ଟେକିଛନ୍ତି ହୀର ପଦକ ପ୍ରକାର । ୩ ।
ଜଟାରେ ରହିଅଛନ୍ତି ଖଣ୍ଡ ଶଶଧର
ସଜାଡ଼ି କି ପ୍ରଶାଧନୀ ଶ୍ୟାମଳ ଚିକୁର । ୪ ।
ଡମ୍ବରୁ ବାଜୁଛି ଡିବ ଡିବ ହର ହର
ଶିଙ୍ଗା ବାଜେ ଧାବଦ ବଂ ବଂ ଦ୍ରବେଶ ଶଙ୍କର । ୫ ।
ବୋଇଲେ ପରଶୁରାମେ ଶୁଣରେ କୁମର
ତୋଷହେଲି ସ୍ତବେ ତୋର ମାଗ ଇଚ୍ଛା ବର । ୬ ।
ପ୍ରଣମି ପଦ୍ମରେ ଉତ୍ତରିଲେ ପର୍ଶୁଧର
ସନ୍ତୋଷ ଯେବେ ଦାସରେ, ଦିଅ ଏହିବର । ୭ ।

ବିଶ୍ୱ ପର୍ଯ୍ୟଟନ କରି ଏକ ବିଂଶ ବାର
ସମୂଳେ କ୍ଷତ୍ରିୟ କୁଳ କରିବି ସଂହାର । ୮ ।

ମୋ ପିତାକୁ ବିନାଶିଛି କାର୍ତ୍ତବୀର୍ଯ୍ୟ କ୍ରୁର
ନିହତ କରିବି ତାରେ, ଦିଅ ଧନୁଶର । ୯ ।

ଏ ବଚନେ ତୋଷମନେ କଇଲାସେଶ୍ୱର
ଦେଲେ ଅଜଗବ ଧନୁ ପାଶୁପତଶର । ୧୦ ।

Digitized by srujanika@gmail.com

ବୋଇଲେ ଘେନ ଏ ଧନୁଃଶର ଦେଲେ ବର
ପୃଥିବୀ ବକ୍ଷରୁ ନାଶ କ୍ଷତ୍ରିୟ ଦୁର୍ବାର । ୧୧ ।
ଅବନୀ ଶତ୍ରୁ ଉତ୍ପାଟି କୀର୍ତ୍ତି ଅନଶ୍ୱର
ରଖ ସ୍ୱର୍ଣ୍ଣାକ୍ଷରେ, ବରେ ହୁଅ ଚିରାମର । ୧୨ ।
କଥାଏ ଶୁଣିଥା ମନୁ ନକର ପାଶୋର
ଚେତାଉଥିଲେ ତୋ ହେବ ଯଥା ଉପକାର । ୧୩ ।
ବିଧି, ରାମରୂପେ ସୂର୍ଯ୍ୟ ବଂଶେ ଅବତାର
ହେବେ, ଦେବହିତେ ବିନାଶିବେ ଦଶଶିର । ୧୪ ।
ତାଙ୍କ ସଙ୍ଗେ ଯେବେ ଭେଟ ହୋଇବ ତୋହର
ବଢ଼ାଇଣ ଦେବୁ ତାଙ୍କୁ ଏହି ଧନୁଃଶର । ୧୫ ।
ସେହି ଦିନ ନରହତ୍ୟା ପାତକ ନିକର
ବିନାଶ ହୋଇବ ଦେଖି ସ୍ନିଗ୍ଧ କଳେବର । ୧୬ ।
ଜାଣ ଏ ଧନୁକୁ ଧରିବାକୁ ତିନିପୁର
ମଧ୍ୟେ ତିନିଜଣ ବିନେ ଶକତି କାହାର । ୧୭ ।
ନାହିଁ ନୋହିବ ରମେଶ ଉମେଶ ମାତର
ତୁମ୍ଭ ଭୃଗୁକୁଳେଶ ମିଶି କ୍ଷମ ଏ ଧନୁର । ୧୮ ।
ରଚିଲେ ପଞ୍ଚାଶ ଯୁଗେ ସାବଧୀର ବର
ସଞ୍ଚିରଖିଥିଲି ପାଞ୍ଚ ତୋର ଉପକାର । ୧୯ ।
ଏତେକହି ଆଶୁତୋଷ ହୋଇଲେ ଅନ୍ତର
ଧନୁଃଶର ଧରି ଭୃଗୁ ଗମିଲେ ସତ୍ୱର । ୨୦ ।

Digitized by srujanika@gmail.com

୭ – ଚନ୍ଦ୍ରକେଳି

ଶୁଣ ଧୈର୍ଯ୍ୟ ବନ୍ତେ ଓଜ ପଣକୁ
ରକ୍ଷା କରିବାକୁ ଝଟେ ଚଣକୁ— । ୧ ।
ଜର କରନ୍ଦ୍ର ଅଇର ଗଡରେ
ଯାଇଁ ପ୍ରବେଶ ମଗଧ କ୍ଷିତିରେ । ୨ ।
ଯନ୍ଧି ସମ୍ରାର୍ଜୁନ ଫିହ୍ୱ ଦ୍ୱାର
ଫିହ୍ୱନାଦେ କମ୍ପାଇ ରାଜପୁର ।୩ ।
ଡାକନ୍ତ ରେ ବ୍ରହ୍ମ ହତ୍ୟା ପାତକୀ
ପ୍ରାୟଶ୍ଚିତ କରେ ମୋର ହେବୁକ । ୪ ।
ଯେବେ ପାପ ନାଶିବାକୁ କାମନା
ବେଗେ ବାହାର ଆସ ପାପ ମନା । ୫ ।
ପ୍ରାଣ ଭୟେ ଲୁଚିଲେ ଘର କୋଣେ
ପ୍ରାଣ ରଖିବାକୁ ନାହିଁ କେ ଜଣେ । ୬ ।
ମୃତ୍ୟୁ ଜାଣି ଯେବେ ପଡ଼ିବୁ ଶୋଇ
ମୃତ୍ୟୁ ପତିତ ଛାଡ଼ି ଦେବ ନାହିଁ । ୭ ।
ଗାରଡ଼ୀ ପଦ ପ୍ରାପ୍ତ ଭଗ୍ନବାଣୀ
କର୍ଣ୍ଣେ ବାଜନ୍ତେ କାର୍ତ୍ତବୀର୍ଯ୍ୟ ଫଣି । ୮ ।
ଧାଇଁ କେଶଗ୍ର ଚୋରଣେ ପ୍ରବେଶି
କହି—(ଗୃହିଁ) ପରଶୁ ଧରେ ଅଳ୍ପହସି । ୯ ।
ବାଇ ହେଲୁ ପିତା ମୃତ୍ୟୁ ଦିନରୁ
ଦହ୍ୱ ଚପୂଟ ଯିବନ ମନରୁ । ୧୦ ।

Digitized by srujanika@gmail.com

ଛାଡ଼ ସ୍ୱବୃତ୍ତି ଧର ଧନୁଶର
ବ୍ୟଭିଚାର ଧର୍ମ କରୁ ପ୍ରଚାର । ୧୧ ।
ଲୋଷ୍ଟ୍ରା ଘାତେକ ଭାଙ୍ଗିବ ପର୍ବତ
ସିନ୍ଧୁ ଶୁଖିଲ ହେବ ସରବତ । ୧୨ ।

କ୍ଷୁଦ୍ର କରରେ ସତେକି ଅନନ୍ତ
ସୋମେ ଧରିବେ କଚ୍ଛି ଆପ୍ଲୁତ । ୧୩ ।

ପାଦ ଭରରେ ଟେଙ୍ଗୋଇର ମହୀ
ଟଳେ ନାହିଁ କଳେପେ ଫଳ କାହିଁ । ୧୪ ।
ଦେଖି ସ୍ୱଜନ ଆସିଲୁ ଯୁଦ୍ଧକୁ
କାହୁଁ ବରଣ ଅକାଳ ବଧକୁ । ୧୫ ।
ବାକ୍ୟ ଅଙ୍କୁଶ ଘାତେ ମତ୍ତ-ହସ୍ତୀ
ପ୍ରାପ୍ତ ବୃହଂତ ଶବ୍ଦେ ଭୃଗୁପତି । ୧୬ ।

ଘୋର ଗର୍ଜନ ନାଦେ ଉଜଟେବେ
ଗୁଣ ଚଢାଇ ଆମଞ୍ଜିଲେ ଯବେ । ୧୭ ।

ଅତରକେ ସେ ମଗଧ ଈଶ୍ୱର
ସତ୍ୱରେ ଧଇଲେ ଧନୁଶର । ୧୮ ।

ବରଷିଲେ ଶାୟକ ଶତଶତ
ଦୁର୍ଲକ୍ଷ୍ୟ ବନ୍ଦେକି ଦୁଏ ଉଲ୍କାପାତ । ୧୯ ।
ଭାଲା ଗଦା ଶକ୍ତି କୁନ୍ତ ଆଶୁଗ
ଏକ ବେଳକେ କରନ୍ତି ପ୍ରୟୋଗ । ୨୦ ।

ତାହା ଏକଟରେ ପର୍ଶୁ ନବାର
ଉଗ୍ର ଶିବଦତ୍ତ ଦେବାସ୍ତ୍ର ଧର । ୨୧ ।

Digitized by srujanika@gmail.com

ଶିବ ଶକ୍ତିଙ୍କ ତ୍ରିପୁର ବିନାଶେ
ଜ୍ୟୋତି ପ୍ରକାଶ ଦୀପ୍ତି ଦଶଦିଶେ । ୨୨ ।
ପାଶୁପତ ସନ୍ଧାନ ଅଜଗବେ—
ଜଳ, ଗୁଣ ଟାଣନ୍ତେ ବୀର୍ଯ୍ୟଦମ୍ଭେ । ୨୩ ।
ବଳ ବନ୍ୟାନ୍ତୁଁ ଭୂମି କମ୍ପହେଲା
ପ୍ରଭାକର ପ୍ରଭା ମ୍ଳାନ ଦିଶିଲା । ୨୪ ।
ବାଣୀ ନଷ୍ଟରେ ବୀରେ ମନସ୍ତାପେ
ହାଣି ହୋଇ ମରିଲେ କେତେ ଆପେ । ୨୫ ।
ଠାଣି ଦେଖିଣ ଶାଣିତ କୃପାଣ
ଶାଣି ହୋଇ ହେଲା ପାଣି କମ୍ପନ । ୨୬ ।
କାଶୀ ଶ୍ୟାମ ପର ମଗଧ ଥାଟ
କୋଟେ ପଶିଲେ କଳଣ କପାଟ । ୨୭ ।
ହାଣିହେବା ସୈନ୍ୟ ଚକ୍ରପାଳସ୍ତୁ
ସ୍ଥାନ ଅଭାବୁଁ ପ୍ରାଣ ଗୁଡ଼ଯାଏ । ୨୮ ।
ବୀର ମୌଳି ମଣ୍ଡନ ସବ୍ୟାର୍ଜୁନ—
କରୁଁ, ଧନୁ ଖସି ଭୂମି ପତନ । ୨୯ ।
ଛୋଡ଼ ଗୁଡ଼ ଜଡ ପରି ସ୍ଥକତ
ମାଡ଼ ଆସିଲା ଶର ପାଶୁପତ । ୩୦ ।
ଯାର ଶକ୍ତି ମଧ୍ୟରେ ଅନିବାର୍ଯ୍ୟ
ତାକୁ ନିବାରିବାକ କାର୍ତ୍ତବୀର୍ଯ୍ୟ । ୩୧ ।
କରି ଗର୍ଜନ ଅସହ ଆସୁଗ
ଶବ୍ଦ ନିନାଦେ ପ୍ରଭାତ ଦ୍ରୋଣମେଘ । ୩୨ ।
ପଡ଼ିଗଲା ସବ୍ୟାର୍ଜୁନ ମୁଣ୍ଡରେ
ଗଡ଼ିଗଲା ପ୍ରାଣଶୁଣ୍ଡି କ୍ଷିତିରେ । ୩୩ ।

Digitized by srujanika@gmail.com

ପ୍ରାଣ ବାଷ୍ପୀୟ ବାଷ୍ପ ଯାନ୍ତେ ଉଡ଼ି
ମାଟିପିଣ୍ଡ ଘୂରିରେ ଘୂଁଘରେ ପଡ଼ି । ୩୪ ।
ଦ୍ୱିଗୁଣଣ ହୃଦ କ୍ରୋଧ ଅନଳ
ପ୍ରତିହିଂସା ନାସି ହେଲା ଶିତଳ । ୩୫ ।
ରକ୍ତ ବୃନ୍ଦାରକ ବୃନ୍ଦ ଅନନ୍ତେ
କଲେ କୁସୁମ ବୃଷ୍ଟି ହୃଷ୍ଟଚିତ୍ତେ । ୩୬ ।
ସମଦର୍ଶୀ, ପତ୍ନୀରେ ଜନାଦୋଷେ—
ଦେଲ କୁଳଟ ଆଖ୍ୟା ଅକଣେଶେ । ୩୭ ।
ହେଲେ ମଗଧେଶ କରେ ନିଧନ
ପ୍ରତିଫଳ ପାଇଲେ ତପୋଧନ । ୩୮ ।
ପିତା ଶବ ପ୍ରତିହିଂସାରେ ଜାଗି
ପଶୁ ସମ ହୋଇଲେ ଧର୍ମତ୍ୟାଗି । ୩୯
ବିଷ୍ଣୁ କଳାରେ ନେଲେ ପ୍ରତିଶୋଧ
ଧ୍ୟାଏ ଗୋବର୍ଦ୍ଧନ ଗଜକ ପଦ । ୪୦ ।

Digitized by srujanika@gmail.com